କର୍ଣ୍ଣାଟକ ରାଜ୍ୟ ଏବଂ ଅନ୍ୟମାନେ

ବନାମ

ଡି.ସି. ନଞ୍ଜୁଦୈୟା ଏବଂ ଅନ୍ୟମାନେ

ଅଗଷ୍ଟ 26,1996

[କେ. ରାମାସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ଭୂମି ଅଧିଗ୍ରହଣ ଅଧିନିୟମ, 1894:*

*ଧାରା 4 (1), 5A.6 – ଉଚ୍ଚ ନ୍ୟାୟାଳୟ ଦର୍ଶାଇଛନ୍ତି ଯେ, S.5A ଅନ୍ତର୍ଗତ ତଦନ୍ତ ସଠିକ ଭାବରେ ପରିଚାଳିତ କରାଯାଇନାହିଁ – S.4(1) ଅନ୍ତର୍ଗତ ଅଧିସୂଚନାକୁ ନାକଚ କରିବା – ଅପିଲରେ ଦର୍ଶାଯାଇଥିବା ପରି, S.5A ଅନ୍ତର୍ଗତ ତଦନ୍ତରେ ତ୍ରୁଟି ଜଣାପଡ଼ିଲା ଏବଂ ଏହାକୁ ନାକଚ କରାଯିବା ଆବଶ୍ୟକ ଥିଲା – S.5-A ଅନ୍ତର୍ଗତ ସାନି ତଦନ୍ତ କରାଯିବା ଆବଶ୍ୟକ ଥିଲା – ତିନି ବର୍ଷ ମଧ୍ୟରେ ତଦନ୍ତର ପରିଚାଳନା ଏବଂ ଘୋଷଣା ପ୍ରକାଶନର ସୀମାବଦ୍ଧତା ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ପ୍ରାପ୍ତ ତାରିଖରୁ ଆରମ୍ଭ ହେବ ଏବଂ S.4 (1) ଅନ୍ତର୍ଗତ ମୂଳ ପ୍ରକାଶନ ହୋଇଥିବା ତାରିଖରୁ ନୁହେଁ – ରାଜ୍ୟ ଚାରି ମାସ ମଧ୍ୟରେ ତଦନ୍ତ ପରିଚାଳନା କରିବାକୁ ଅନୁମତି ଦେଇଛନ୍ତି ଏବଂ ତା' ଏକ ମାସ ପରେ ଘୋଷଣା ପ୍ରକାଶ କରାଯିବ ।*

*ଏନ୍. ନରସିଂହୈୟା ବନାମ କର୍ଣ୍ଣାଟକ ରାଜ୍ୟ,* **[1996]** *3* **SCC 88, ଉପରେ ନିର୍ଭର କରିଥିଲେ ।**

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 11874-75/1996 ।

ଡବ୍ଲ୍ୟୁ.ପି. ସଂଖ୍ୟା 19348-49/1981 ରେ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟଙ୍କ ତା 26.2.91 ରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀମାନଙ୍କ ପାଇଁ ଏମ୍. ବୀରାପ୍ପା ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ  ପ୍ରଦାନ କରାଯାଇଥିଲା :

ଯଦିଓ ଉତ୍ତରଦାତାମାନଙ୍କୁ ଡକାଯାଇଛି, କେହି ବ୍ୟକ୍ତିଗତ ଭାବରେ କିମ୍ବା ଅଧିବକ୍ତାଙ୍କ ମାଧ୍ୟମରେ ଉପସ୍ଥିତ ହେଉନାହାଁନ୍ତି ।

ଅନୁମତି ମଞ୍ଜୁର କରାଗଲା ।

ଆମେ ଅପିଲକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଛୁ ।

ଏହି ମାମଲାରେ ଉଠାଯାଇଥିବା ବିବାଦକୁ *ଏନ୍. ନରସିଂହୈୟା ବନାମ କର୍ଣ୍ଣାଟକ ରାଜ୍ୟ*, [1996] 3 SCC 88 ରେ ଏହି ନ୍ୟାୟାଳୟର ରାୟ ଦ୍ୱାରା ଅନ୍ତର୍ଭୁକ୍ତ କରାଯାଇଛି । ସ୍ୱୀକୃତ ତଥ୍ୟ ହେଉଛି ଯେ, ଭୂମି ଅଧିଗ୍ରହଣ ଅଧିନିୟମ, 1984 ର ଧାରା 4 (1) ଅନ୍ତର୍ଗତ ଅଧିସୂଚନା ଅଗଷ୍ଟ 26,1982 ରେ ପ୍ରକାଶିତ ହୋଇଥିଲା ଏବଂ ତା' ପରେ ଧାରା 5- A ଅନ୍ତର୍ଗତ ତଦନ୍ତ ପରିଚାଳନା କରାଯାଇଥିଲା । କିନ୍ତୁ ଜମି ଅଧିଗ୍ରହଣ ଅଧିକାରୀଙ୍କ ଠାରୁ ବିବୃତି ପାଇବା ପୂର୍ବରୁ, ଧାରା 6 ଅନ୍ତର୍ଗତ ଘୋଷଣା ତିନି ବର୍ଷ ମଧ୍ୟରେ ଜୁନ୍ 24,1985 ରେ ପ୍ରକାଶିତ ହୋଇଥିଲା । ଧାରା 4 (1) ଅନ୍ତର୍ଗତ ଅଧିସୂଚନା ଏବଂ ଧାରା 6 ଅନ୍ତର୍ଗତ ଘୋଷଣାକୁ ଆପତ୍ତି କରି ଡିସେମ୍ବର 10,1985 ରେ ଦୁଇଟି ରିଟ୍ ଆବେଦନ ଦାଖଲ କରାଯାଇଥିଲା । ଉଚ୍ଚ ନ୍ୟାୟାଳୟ ରିଟ୍ ଆବେଦନଗୁଡ଼ିକୁ ଅନୁମତି ଦେଇଥିଲେ ଏବଂ ରିଟ୍ ଆବେଦନ ସଂଖ୍ୟା 19348 ଏବଂ 19349/1985 ରେ କରାଯାଇଥିବା ତା ଫେବୃଆରୀ 26, 1991 ର ଆକ୍ଷେପିତ ରାୟ ଦ୍ୱାରା ଧାରା 4 (1) ଅନ୍ତର୍ଗତ ଅଧିସୂଚନା ଏବଂ ଧାରା 6 ଅନ୍ତର୍ଗତ ଘୋଷଣାକୁ ନାକଚ କରିଥିଲେ । ତେଣୁ, ବିଶେଷ ଅନୁମତି ଦ୍ୱାରା ଏହି ଅପିଲଗୁଡ଼ିକ ।

ଏହା ଦେଖାଯାଉଛି ଯେ, ଧାରା 6 ଅନ୍ତର୍ଗତ ଘୋଷଣା ଅଧିସୂଚନା ତାରିଖ ଠାରୁ ତିନି ବର୍ଷ ମଧ୍ୟରେ ଧାରା 4 (1) ଅନ୍ତର୍ଗତ  ପ୍ରକାଶିତ ହୋଇଥିଲା ଯାହା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ବଜାୟ ରଖାଯାଇଥିଲା । କିନ୍ତୁ ଉଚ୍ଚ ନ୍ୟାୟାଳୟ ଟିପ୍ପଣୀ କରିଛନ୍ତି ଯେ, ଧାରା 5- A ଅନ୍ତର୍ଗତ ତଦନ୍ତ ସଠିକ ଭାବରେ ପରିଚାଳିତ ହୋଇନାହିଁ । ଧାରା 4 (1) ଅନ୍ତର୍ଗତ ଅଧିସୂଚନା ଅଗଷ୍ଟ 26, 1982 ତାରିଖର ହୋଇଥିବାରୁ ତା ଜୁନ୍ 24,1985 ର ଧାରା 6 ଅନ୍ତର୍ଗତ ଏହି ଘୋଷଣାକୁ ନାକଚ କରାଯାଇଥିଲା ଏବଂ ଅଧିନିୟମର ଧାରା 6 ର ପରନ୍ତୁକ ଅନ୍ତର୍ଗତ ରିଟ୍ ଆବେଦନର ବିଚାରଧୀନତା ଅବଧିକୁ ବାଦ ଦେବା ପରେ ମଧ୍ୟ ଏହି ଘୋଷଣା ତିନି ବର୍ଷ ମଧ୍ୟରେ ପ୍ରକାଶିତ ହୋଇପାରିନଥିଲା । ତେଣୁ, ଧାରା 4 (1) ଅନ୍ତର୍ଗତ ଅଧିସୂଚନା ନାକଚ   କରାଯାଇଥିଲା । ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଆଯାଇଥିବା ମତ ପାଇଁ ଆମେ କୌଣସି ଯଥାର୍ଥତା ପାଇନାହୁଁ । ଏହା ଦେଖିବାକୁ ମିଳିଛି ଯେ, ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଯେପରି ଦର୍ଶାଯାଇଥିଲା, ଧାରା 6 ଅନ୍ତର୍ଗତ ଘୋଷଣା ତିନି ବର୍ଷ ମଧ୍ୟରେ ପ୍ରକାଶିତ ହୋଇଥିଲା, କିନ୍ତୁ ଧାରା 5-A ଅନ୍ତର୍ଗତ ତଦନ୍ତ ପରିଚାଳନା ତ୍ରୁଟିପୂର୍ଣ୍ଣ ବୋଲି ଜଣାପଡ଼ିଲା ଏବଂ ଏହାକୁ ନାକଚ କରାଯିବା ଆବଶ୍ୟକ ।   ଯଦି ଏହାକୁ ନାକଚ

କରାଯାଏ, ଧାରା 5-A ଅନ୍ତର୍ଗତ ଏକ ତଦନ୍ତ ପରିଚାଳନା କରାଯିବା ଆବଶ୍ୟକ । ତେଣୁ, ତିନି ବର୍ଷ ମଧ୍ୟରେ ତଦନ୍ତ ପରିଚାଳନା କରିବା ଏବଂ ଘୋଷଣାର ପ୍ରକାଶନ ହେବାର ସୀମାବଦ୍ଧତା ଉଚ୍ଚ ନ୍ୟାୟାଳୟଙ୍କର ଆଦେଶ ପ୍ରାପ୍ତ ହେବା ତାରିଖ ଠାରୁ ଆରମ୍ଭ ହେବ ଏବଂ ଧାରା 4 (1) ଅନ୍ତର୍ଗତ ମୂଳ ପ୍ରକାଶନ ହୋଇଥିବା ତାରିଖ ଠାରୁ ନୁହେଁ । ଏହି ମତ ଏହି ନ୍ୟାୟାଳୟଙ୍କ ଦ୍ୱାରା *ନରସିଂହୈୟାଙ୍କ* ମାମଲାରେ (ପୂର୍ବୋକ୍ତ) ରଖାଯାଇଥିଲା । ସମାନ ଅନୁପାତ ପାଇଁ, ଅପିଲଗୁଡ଼ିକୁ ଅନୁମତି ଦେବାକୁ ପଡ଼ିବ ଏବଂ ଘୋଷଣାକୁ ନାକଚ କରିବାକୁ ପଡ଼ିବ । ତଦନୁସାରେ ଘୋଷଣାକୁ ନାକଚ କରାଯାଇଛି । ଅପିଲକାରୀଙ୍କୁ ଏହି ଆଦେଶ ପ୍ରାପ୍ତିର ତାରିଖ ଠାରୁ ଚାରି ମାସର ଅବଧି ମଧ୍ୟରେ ତଦନ୍ତ ପରିଚାଳନା କରିବାକୁ ଅନୁମତି ଦିଆଯାଇଛି ଏବଂ ତା' ପରେ ଏକ ମାସ ମଧ୍ୟରେ ଘୋଷଣା ପ୍ରକାଶିତ ହେବ ।

ତଦନୁସାରେ ଅପିଲଗୁଡ଼ିକୁ ଅନୁମତି ଦିଆଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଜି.ଏନ୍. ଅପିଲଗୁଡ଼ିକୁ ଅନୁମତି ଦିଆଯାଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା :- ସୁଧା ସୁରମ୍ୟା ସାହୁ**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**